# ପଶ୍ଚିମ ଓଡିଶାର ଗାନ୍ଧୀ "ନୃସିଂହ ଗୁରୁ"

**ଅରବିନ୍ଦ ମହାପାତ୍ର**

ଇଂରେଜମାନେ ଆମ ଦେଶକୁ ବହୁତ ବର୍ଷ ଅଧିକାରରେ ରଖିଥିଲେ । ପନ୍ଦର ଅଗଷ୍ଟ ୧୯୪୭ ରେ ଆମ ଦେଶ ସ୍ୱାଧୀନ ହେଲା । ଇଂରେଜମାନେ ବହୁତ ଅତ୍ୟାଚାର କରୁଥିଲେ । ଦେଶକୁ ସ୍ୱାଧୀନ କରିବା ପାଇଁ ଦେଶ ସାରା ଆନ୍ଦୋଳନ ହେଲା । ଏହି ଆନ୍ଦୋଳନର ମୁଖ୍ୟ ନେତା ଥିଲେ ମହାତ୍ମାଗାନ୍ଧୀ, ଅହିଂସା ତାଙ୍କର ମନ୍ତ୍ର ଥିଲା । ଆମ ସମ୍ବଲପୁରରେ ମଧ ଯୋରଦାର ଆନ୍ଦୋଳନ ହୋଇଥିଲା । ଏଥିରେ ଆମ ଅଂଚଳର ବହୁତ ଲୋକ ଭାଗ ନେଇଥିଲେ । ସେମାନଙ୍କ ମଧରେ ନୃସିଂହ ଗୁରୁ ଜଣେ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ।

ରାଷ୍ଟ୍ରପିତା ବାପୁଜୀ ଦେଶବାସୀଙ୍କୁ ୧୯୨୧ ମସିହା ଜାନୁଆରୀ ମାସରେ ଡାକରା ଦେଲେ "ଇଂରେଜ ସରକାର ସଇତାନ ସରକାର । ଏମାନେ ଶାସନ ବଦଳରେ ଆମକୁ ଶୋଷଣ କରୁଛନ୍ତି । ଆମେ ଏମାନଙ୍କୁ ଭାରତ ଭୂମିରୁ ହଟାଇ ଦେବା । ଏମାନଙ୍କ ସହ ଆଉ ସହଯୋଗ କରିବା ନାହିଁ । ଇଂରେଜଙ୍କ ସ୍କୁଲ, କଲେଜରେ ଆମ ଛାତ୍ରମାନେ ପଢିବେ ନାହିଁ । ଇଂରେଜଙ୍କ ଅଫିସ କଚେରୀକୁ ଆମ ଓକିଲମାନେ ଯିବେ ନାହିଁ । ଆଗେ ଦେଶର ସ୍ୱାଧୀନତା, ପଛେ ନିଜର ଉନ୍ନତିର ଚିନ୍ତା" । ଭାରତର ଚାରିଆଡେ ଗାନ୍ଧିଜୀଙ୍କର ଡାକରା ଶୁଭିଗଲା । ଅସହଯୋଗ ଆନ୍ଦୋଳନ ବ୍ୟାପିଗଲା । ଛାତ୍ରମାନଙ୍କ ଭିତରେ ଜାଗରଣ ଖେଳିଗଲା । ନାନା ଜାଗାରେ ସଭା ସମିତ ହେଲା । ଇଂରେଜ ମାନଙ୍କ ଅତ୍ୟାଚାର ଓ ଶୋଷଣର କାହାଣୀ ନେତାମାନେ ଲୋକଙ୍କୁ ଶୁଣେଇଲେ ।

ସମ୍ବଲପୁରରେ ମଧ ଯୋରଦାର ଆନ୍ଦୋଳନ ଆରମ୍ଭହେଲା । ଏହି ଆନ୍ଦୋଳନ ରେ ଭାଗ ନେଇଥିଲେ ସମ୍ବଲପୁର ଜିଲ୍ଲା ସ୍କୁଲର (ଚନ୍ଦ୍ରଶେଖର ବେହେରା ଜିଲ୍ଲାସ୍କୁଲ) ଏକାଦଶ ଶ୍ରେଣୀର ଛାତ୍ର ନୃସିଂହ ଗୁରୁ । ନୃସିଂହ ଗୁରୁ ଏବଂ ତାଙ୍କର ସାଙ୍ଗମାନେ ମିଶି ବୁଢାରଜା ପାହାଡ ତଳେ ସଭାକଲେ । ୧୯୨୧ ଜାନୁଆରୀ ୩ ତାରିଖରୁ ପିଲାମାନେ ସ୍କୁଲକୁ ଗଲେନାହିଁ । ପ୍ରାୟ ୪୦ ଜଣ ଛାତ୍ର ସହର ସାରା ବୁଲି ଅସହଯୋଗ ଆନ୍ଦୋଳନର ବାର୍ତ୍ତା ପ୍ରଚାରକଲେ । ସେତେବେଳେ ଏହି ଘଟଣା ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲା ।ଦେଶର ବିଭିନ୍ନ ସମ୍ବାଦପତ୍ର ଏ ଘଟଣାର ଭୂରି ଭୂରି ପ୍ରଶଂସା କରି ସମ୍ବାଦ ପ୍ରକାଶ କରିଥିଲେ । ଏକଥା ଖବର କାଗଜରେ ବାହାରିଲା । ସମ୍ବଲପୁରର ସ୍କୁଲଛାତ୍ରମାନେ ଆନ୍ଦୋଳନରେ ଭାଗନେବାରେ ସାରା ଭାରତରେ ଅଗ୍ରଣୀ ହେଲେ । ନୃସିଂହ ଗୁରୁଙ୍କ ସହିତ ଲକ୍ଷ୍ମୀନାରାୟଣ ମିଶ୍ର, ଚନ୍ଦ୍ରଶେଖର ପାଣିଗ୍ରାହୀ, ବେନିମାଧବ ସୁପକାର, ଗୌରୀଶଙ୍କର ସାହାଣୀ, ମହମ୍ମଦ ହୁସେନ, ଅବଦୁଲ ମଜିଦ ଆଦି ଅନେକ ଯୁବକ ଯୋଗ ଦେଇଥିଲେ । ନୃସିଂହ ଗୁରୁ ଜିଲ୍ଲା ସ୍କୁଲରୁ ତଡାଖାଇଲେ । ସେ ପଣ୍ଡିତ ନୀଳକଂଠ ଦାସ ଏବଂ ଚନ୍ଦ୍ରଶେଖର ବେହେରାଙ୍କ ଦ୍ୱାରା ଖୋଲାଯାଇଥିବା ଜାତୀୟ ବିଦ୍ୟାଳୟରେ ପାଠ ପଢିଲେ । ପାଠ ସହିତ ଧନ୍ଦାମୂଳକ ଶିକ୍ଷା ପାଇଲେ, ଜାତୀୟତା ମନ୍ତ୍ରରେ ଦୀକ୍ଷିତ ହେଲେ ।

୧୮ ବର୍ଷର ଯୁବକ ନୃସିଂହ ଗୁରୁ ସ୍ୱାଧୀନତା ସଂଗ୍ରାମୀ ହେଲେ । ସେ ଜନ୍ମ ଗ୍ରହଣ କରିଥିଲେ ଗୁରୁପାଲି ଗାଁରେ ୧୯୦୨ ଫାଲ୍‌ଗୁନ ପୂର୍ଣ୍ଣମୀରେ, ଗାଁ ଟି ସମ୍ବଲପୁର ସହର ନିକଟର ଶାସନ ଗାଁ ପାଖରେ । ପିତା ଗଣେଶ ରାମ ଗୁରୁ ଓ ମା ଲକ୍ଷ୍ମୀଦେବୀ । ନରସିଂହ ନାଥର ନୃସିଂହ ମହାପ୍ରଭୁଙ୍କ ଆଶିର୍ବାଦରୁ ଜନ୍ମ ହୋଇଥିବାରୁ ନାଁ ହେଲା ନୃସିଂହ । ତାଙ୍କର ପିତାମାତା ସରଳ ଓ ଧର୍ମପ୍ରାଣ ଥିଲେ । ପିତା ଥିଲେ ନୈଷ୍ଠିକ ବ୍ରାହ୍ମଣ । ସାନ ବେଳରୁ ଗୁରୁଜୀ ଶାନ୍ତ ଶିଷ୍ଟ ଓ ବୁଦ୍ଧିମାନ ଥିଲେ । ଗାଁ ଚାଟଶାଳୀରେ ପାଠ ଆରମ୍ଭ କଲେ । ଗାଁରେ ପ୍ରାଥମିକ ବିଦ୍ୟାଳୟ ନ ଥିବାରୁ ଶାସନକୁ ପ୍ରତିଦିନ ୨ କିଲୋମିଟର ବାଟ ଚାଲି ଛୋଟବାଳକଟି ପାଠପଢିବା ପାଇଁ ଯାଉଥିଲେ । ଦୁଇ ଓଳି ସ୍କୁଲରେ ପଢା ହେଉଥିବାରୁ ଯିବାଆସିବାରେ ଅସୁବିଧା ହେଲା । ଏଣୁ ମାମୁଁ ଘର ଗାଁ ସରଣ୍ଡାରେ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପଢିଲେ । ତାଙ୍କର ଅଜା ଜଗଦୀଶ ହୋତା ହେଡ୍ ପଣ୍ଡିତ ଥିଲେ । ସେ ଠାରୁ ଆସି ସମ୍ବଲପୁର ପଟ୍ଟନାୟକ ପଡା ମଧ ଇଂରାଜୀ ବିଦ୍ୟାଳୟ ( ଏବର ଟାଉନ ହାଇସ୍କୁଲ) ରେ ପଢିଲେ । ସେ ତୃତୀୟ, ପଞ୍ଚମ ଏବଂ ସପ୍ତମ ଶ୍ରେଣୀ ପରୀକ୍ଷାରେ ମେଧାବୀ ବୃତ୍ତି ପାଇଥିଲେ । ଜିଲ୍ଲା ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢିଲେ ଓ ଛାତ୍ରାବାସରେ ରହୁଥିଲେ । ଅଭାବ ଥିବାରୁ ଶିକ୍ଷକ ମାନେ ତାଙ୍କୁ ସାହାଯ୍ୟ କରୁଥିଲେ । ତାଙ୍କର ଭାଗ୍ୟକୁ ଅତି ଉତ୍ତମ ଶିକ୍ଷକମାନଙ୍କ ଦ୍ୱାରା ସେ ଗଢା ହୋଇଥିଲେ ।

ପାଠସାରି ସେ ଜାତୀୟ ଆନ୍ଦୋଳନରେ କଂଗ୍ରେସ କର୍ମୀ ରୂପେ ମାତିଗଲେ । ସେ ଗାନ୍ଧିଜୀ ଙ୍କ ଆଦର୍ଶରେ ନିଜକୁ ଗଢିଲେ । ଝାରସୁଗୁଡା, ଲଇକେରା ଅଞ୍ଚଳରେ ସ୍ୱଦେଶୀ ଆନ୍ଦେଳନର ବାର୍ତ୍ତା ପ୍ରଚାର କଲେ । ୧୯୨୨ ରୁ ରଚନାତ୍ମକ କାର୍ଯ୍ୟରେ ଲାଗିଲେ । ରଚନାତ୍ମକ କାର୍ଯ୍ୟ ଗୁଡିକ ହେଲା ସୁତାକାଟିବା, ଲୁଗାବୁଣା, ନିଶାନିବାରଣ, ଛୁଆଁ-ଅଛୁଆଁ ଭେଦଭାବ ଦୂର କରିବା ଆଦି । ମରିବା ପର୍ଯ୍ୟନ୍ତ ସେ ଅଣଓସାରିଆ ଖଦଡ ଧୋତି ଓ ଚଦର, ଗୋଟିଏ ମୁଣା ଦରକାର ବେଳେ ତଳେଇ ଛତା ବ୍ୟବହାର

କରୁଥିଲେ । ଯୋତା - ଚପଲ ବ୍ୟବହାର କରୁ ନଥିଲେ । ଚିନି ବଦଳରେ ଗୁଡ ବ୍ୟବହାର କରୁଥିଲେ । ସେ ଜଣେ ଉତ୍ତମ କୃଷକ ମଧ୍ୟ ଥିଲେ ।

୧୯୨୪ ରେ ସମ୍ବଲପୁର ପୌରପରିଷଦ ( ମ୍ୟୁନିସିପାଲଟି ) ରେ କାମ କରୁଥିଲେ । ନଗରପାଳ (ଚେୟାରମେନ୍) ଥିଲେ ଅକ୍ଷୟତାରକା ଚନ୍ଦ୍ରଶେଖର ବେହେରା । ୧୯୨୮ ରେ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀ ସମ୍ବଲପୁର ଆସିଥିଲେ । ଚନ୍ଦ୍ରଶେଖର ବେହେରାଙ୍କ ଅତିଥି ହେଲେ । ସେ ଗୁରୁଜୀ ଗାନ୍ଧିଜୀ ଓ ତାଙ୍କ ସହକର୍ମୀ ମାନଙ୍କର ରହିବା, ଖାଇବା, ସଭାର ଆୟୋଜନ ଆଦିର ଦାୟିତ୍ୱରେ ଥିଲେ । ମହାତ୍ମାଙ୍କୁ ଅତି ନିକଟରୁ ଦେଖିବାର ଓ ସେବା କରିବାର ସୌଭାଗ୍ୟ ଲାଭ କରିଥିଲେ । ବାପୁଜୀଙ୍କର ସରଳ ଜୀବନ ଏବଂ ଉଚ୍ଚ ଚିନ୍ତାରେ ସେ ପ୍ରଭାବିତ ହେଲେ । ଧୀରେ ଧୀରେ କଥା କହୁଥିଲେ ମଧ୍ୟ ଗାନ୍ଧିଜୀଙ୍କ ନିଜ ବିଚାରରେ ଅଟଳ ରହିବା ଗୁଣରେ ସେ ମୁଗ୍ଧ ହେଲେ ।

ଏପ୍ରିଲ ୧୯୩୬ ମସିହା ପୂର୍ବରୁ ଓଡିଶା ରାଜ୍ୟ ନ ଥିଲା । ବର୍ତ୍ତମାନର ଓଡିଶାର ପଶ୍ଚିମ ଅଂଚଳ ଥିଲା ମଧ୍ୟପ୍ରଦେଶରେ, ଉତ୍ତରା 'ଚଳ ଥିଲା ବଙ୍ଗପ୍ରଦେଶରେ ଏବଂ ଦକ୍ଷିଣ ଓଡିଶା ଥିଲା ମାଡ୍ରାସ ପ୍ରଦେଶରେ । ଓଡିଶା ରାଜ୍ୟ ଗଠନ ପାଇଁ ଆନ୍ଦୋଳନରେ ଗୁରୁଜୀ ଭାଗ ନେଇଥିଲେ । ଏହି ଆନ୍ଦୋଳନର ନେତା ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ । ଗୁରୁଜୀ ଫୁଲଝର, ଖଡିଆଳ, ପଦ୍ମପୁର, ଚନ୍ଦ୍ରପୁର ଅଂଚଳରେ ବୁଲି ଜନମତ ସୃଷ୍ଟି କରିଥିଲେ ।

ଆମ ସମାଜର ବଡ ଶତ୍ରୁ ନିଶା । ନିଶା ନିବାରଣ ଗାନ୍ଧିଜୀଙ୍କର ରଚନାତ୍ମକ କାର୍ଯ୍ୟରୁ ଗୋଟିଏ । ଗୁରୁଜୀ ତାଙ୍କର ସାଙ୍ଗ ଭାଗୀରଥି ପଟ୍ଟନାୟକ, ଘନଶ୍ୟାମ ପାଣିଗ୍ରାହୀ, ମହାବୀର ସିଂହ ଆଦି ମଦଭାଟି ଆଗରେ ଧାରଣା ଦେଲେ । ମଦ ବିକ୍ରି କମିଗଲା । ସରକାରଙ୍କର ବହୁତ କ୍ଷତି ହେଲା । ନିଶା ନିବାରଣ କ୍ଷେତ୍ରରେ ସମ୍ବଲପୁର ଭାରତ ପ୍ରସିଦ୍ଧ ହେଲା । ଚାଚା ନେହେରୁ କଂଗ୍ରେସ କର୍ମୀ ମାନଙ୍କୁ ନିଜ ହାତ ଲେଖା ପ୍ରଶଂସା ପତ୍ର ପଠେଇଥିଲେ ।

୧୯୩୦ ମସିହାରେ ଲବଣ ସତ୍ୟାଗ୍ରହ ଆରମ୍ଭ ହେଲା । ସମୁଦ୍ର ପ୍ରକୃତିର ଦାନ । ଲୁଣ ମାରିବା ସମସ୍ତଙ୍କର ଅଧିକାର । ଇଂରେଜ ସରକାର ଲୁଣମରା ଉପରେ ଖଜଣା ବସେଇଲେ । ତାର ବିରୋଧରେ ଗାନ୍ଧିଜୀ ସତ୍ୟାଗ୍ରହ ଆରମ୍ଭକଲେ । ଏହା ଦାଣ୍ଡିଯାତ୍ରା ନାମରେ ପ୍ରସିଦ୍ଧ । ସମ୍ବଲପୁରରେ ସଭାକରି ଲବଣ ସତ୍ୟାଗ୍ରହରେ ଯୋଗ ଦେବାପାଇଁ ଲୋକଙ୍କୁ ଡାକରା ଦିଆଗଲା । ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଓ ଭାଗୀରଥୀ ପଟ୍ଟନାୟକଙ୍କୁ ପୋଲିସ ଗିରଫ କଲା । ଏହାର ପ୍ରତିବାଦରେ ଗୁରୁଜୀଙ୍କ ନେତୃତ୍ୱରେ ସହରରେ ସଂପୂର୍ଣ୍ଣ ହରତାଳ ପାଳିତ ହୋଇଥିଲା । ଗୁରୁଜୀ ମଧ୍ୟ ଗିରଫ ହୋଇ ଜେଲଦଣ୍ଡ ଭୋଗିଥିଲେ । ନୈଷ୍ଠିକ ବ୍ରାହ୍ମଣ ହୋଇ ସୁଦ୍ଧା ଗୁରୁଜୀଙ୍କ ଜୀବନରେ ଗୋଟିଏ ବଡକାମ ହେଉଛି ହରିଜନ ସେବା । ୧୯୩୨ ମସିହାରେ ସେ ଜେଲରୁ ମୁକୁଳି ଛୁଆଁ ଅଛୁଆଁ ଭେଦଭାବ ଦୂର କରିବା ନିମନ୍ତେ କାମ କଲେ । ଏଥିପାଇଁ ତାଙ୍କୁ ନିଆଁ ପାଣି ବାର ହେଲା ତଥାପି ସେ ଡରିଲେ ନାହିଁ । ଠକ୍କର ବାପା ସମ୍ବଲପୁର ଆସି ହରିଜନ କଲ୍ୟାଣ କାମ ଦେଖି ଭାରି ଖୁସି ହେଲେ । ସେ ଗାନ୍ଧିଜୀଙ୍କୁ ଏ ବିଷୟରେ କହିଲେ । ୧୯୩୪ ମସିହାରେ ଗାନ୍ଧିଜୀ ଏ କାର୍ଯ୍ୟ ଦେଖିବା ପାଇଁ ପୁ ସମ୍ବଲପୁର ଆସିଥିଲେ । ସେ ହରିଜନ ମାନଙ୍କ ଉନ୍ନତି ନିମନ୍ତେ ଚାନ୍ଦା ସଂଗ୍ରହ କରୁଥିଲେ । ସମ୍ବଲପୁରର ମହାନଦୀର ବାଲୁଙ୍କେଶ୍ୱର ଘାଟରେ ବିରାଟ ସଭା ହୋଇଥିଲା । ସମ୍ବଲପୁରରେ ମିଳିଥିବା ଚାନ୍ଦାରେ ହରିଜନ ଛାତ୍ରାବାସ ଖୋଲିବା ପାଇଁ ଗୁରୁଜୀ ପ୍ରସ୍ତାବ ଦେଲେ । ଠକ୍କର ବାପା ସମର୍ଥନ କଲେ । ଜନାର୍ଦ୍ଦନ ସୂପକାର ତାଙ୍କର ଫାଟକରେ ଥିବା ଘର ଦେଇଥିଲେ ହରିଜନ ଛାତ୍ରାବାସ ଖୋଲିଲା । ନୃସିଂହ ଗୁରୁ ହେଲେ ପ୍ରଥମ ପରିଚାଳକ ନିଜ ପରିବାର ସହ ହରିଜନ ଛାତ୍ର ମାନଙ୍କ ସହ ସେ ରହୁଥିଲେ । ଏପରିକି ପିତୃଶ୍ରାଦ୍ଧ ଦିନ ମଧ୍ୟ ହରିଜନ ଅନ୍ତେବାସୀଙ୍କୁ ତାଙ୍କ ଘରେ ଖାଇବାକୁ ଦେଉଥିଲେ । ଅନେକ ହରିଜନ ଛାତ୍ର ପାଠ ପଢିବାର ସୁଯୋଗ ପାଇଲେ,ପରେ ବଡ ପଦ ପଦବୀରେ ରହିଲେ ।

ଭାରତ ଛାଡ ଆନ୍ଦୋଳନ ୧୯୪୨ ଅଗଷ୍ଟ ୮ ତାରିଖ । ଜାତି ଜନକ ମହାତ୍ମାଗାନ୍ଧୀ ଡାକ ଦେଲେ, "ଇଂରେଜମାନେ ଭାରତ ଛାଡ" ଏବଂ ଦେଶବାସୀଙ୍କୁ ଆହ୍ୱାନ ଦେଲେ 'କର ବା ମର' । ଏହି ଆନ୍ଦୋଳନରେ ଭାଗନେଲେ ନୃସିଂହ ଗୁରୁ ,ତାଙ୍କର ଭାଇ ଦୁର୍ଗା ପ୍ରସାଦ ଗୁରୁ,ଦୟାନନ୍ଦ ଶତପଥୀ, ରାମରକ୍ଷା ଶୁକ୍ଳ ଆଦି ଅନେକ କର୍ମୀ । ଗୁରୁଜୀ ଓ ଦୟାନନ୍ଦଙ୍କ ନାମରେ ପୋଲିସ ମିଛ ମୋକଦ୍ଦମା କଲେ । ସେମାନେ ବନ୍ଦୀ ହେଲେ । ଗୁରୁଜୀଙ୍କ ୬ ବର୍ଷର ଝିଅ ଦିନେଶ୍ୱରୀକୁ ସେତେବେଳେ ଭାଷଣ ଜ୍ୱର ହେଉଥାଏ । ସେ ବିଚଳିତ ନ ହୋଇ ଜେଲକୁ ଗଲେ । ତିନି ଦିନ ପରେ ଝିଅ ସବୁଦିନ ପାଇଁ ଆଖିବୁଜିଦେଲା । ମେକଦ୍ଦମା ମିଛବୋଲି ପ୍ରମାଣିତ ହେଲା । ତଥାପି ସେ ଅଟକ ବନ୍ଦୀ ହୋଇ ରହିଲେ । ୧୯୪୪ ମସିହାରେ ଛାଡ ପାଇଲେ ।

ରାଜନୀତି ଓ ରଚନାତ୍ମକ କାର୍ଯ୍ୟ ବାହାରେ କଂଗ୍ରେସ କର୍ମୀ ଗୁରୁଜୀ ଜଣେ ଉତ୍ତମ ସାମ୍ବାଦିକ ଥିଲେ । ଖବର କାଗଜ ଜରିଆରେ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ପଦାରେ ପକାଇ ତାର ପ୍ରତିକାର ଏକ ପ୍ରକାର ଜନସେବା । ଏଣୁ ଜନସେବା ନିମନ୍ତେ ସେ ସାମ୍ବାଦିକ ହୋଇଥିଲେ । ପିଲାଦିନରୁ ସେ ଖବର କାଗଜ ପଢିବାର ସୁଯୋଗ ପାଇଥିଲେ । ଛାତ୍ରାବସ୍ଥାରେ ପ୍ରବନ୍ଧ ଲିଖନ ଏବଂ ତର୍କ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କାର ପାଉଥିଲେ । ସେ 'ସେବା ' ଓ 'ସମାଜ 'ଖବର କାଗଜକୁ ସମ୍ବାଦ ଲେଖି ପଠାଉଥିଲେ । ସମ୍ବଲପୁରରେ ଚାଲିଥିବା ସ୍ୱାଧୀନତା ଆନ୍ଦୋଳନର ଖବର ସମ୍ବାଦପତ୍ର ମାନଙ୍କୁ ନିୟମିତ ଭାବରେ ପଠାଉଥିଲେ । ଦୈନିକ 'ସମାଜ' ସମ୍ବାଦ ପତ୍ରର ସେ ସମ୍ବଲପୁର ପ୍ରତିନିଧି ଥିଲେ । ଆବଶ୍ୟକ ହେଲେ ଘର ଘର ବୁଲି ସମାଜ ବାଣ୍ଟୁଥିଲେ ବନ୍ଦ ହେବା ପର୍ଯ୍ୟନ୍ତ । ତାଙ୍କର ମହତ୍ ଉଦ୍ଦେଶ୍ୟ ହେଲା ଲୋକଙ୍କୁ ସଚେତନ କରିବା । ଦୀର୍ଘ ୫୧ ବର୍ଷ ଧରି ସାମ୍ବାଦିକତାଯୋଗୁଁ ତାଙ୍କୁ ନାହିଁ ନଥିବା ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସଭାରେ ଓଡିଶାର ମୁଖ୍ୟମନ୍ତ୍ରୀ, ବିଶିଷ୍ଟ

ବ୍ୟକ୍ତି ,ଲୋକ ପ୍ରତିନିଧି ଓ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇଥିଲେ । ସଭାରେ ତାଙ୍କ ଭୁରି ଭୁରି ପ୍ରଶଂସା କରାଯାଇଥିଲା ।

ଆତ୍ମନିର୍ଭରଶୀଳତା ଗୁରୁଜୀଙ୍କ ମହାନ ଗୁଣ ଥିଲା ।କାଟି ପିନ୍ଧ କୃଷିଖାଅ ନୀତିରେ ସେ ବିଶ୍ୱାସ କରୁଥିଲେ । ଗୁରୁଜୀଙ୍କ ଶରୀରର ଗଠନ, ଖଦଡ ପୋଷାକ ,ଧୈର୍ଯ୍ୟ ,ସହନଶୀଳତା ଏବଂ ଧୀର କଥା ଯୋଗୁଁ ସେ ପଶ୍ଚିମ ଓଡିଶାର ଗାନ୍ଧୀଭାବରେ ପରିଚିତ ଥିଲେ ।

୮୩ ବର୍ଷ ବୟସରେ ସାରଙ୍ଗଡକୁ ଶଶୁର ଘରକୁ ଏକ ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଯାଇଥିଲେ । ୧୯୮୪ ମସିହା ଜାନୁଆରୀ ୨ ତାରିଖରେ ଛାତିରେ କଷ୍ଟ ଅନୁଭବ କଲେ । ଝିଅ କୋଳରେ ମୁଣ୍ଡ ରଖି ଶେଷ ନିଶ୍ୱାସ ତ୍ୟାଗ କଲେ। ମରଶରୀରକୁ ତାଙ୍କର ମୁଦିପଡା ବାସଭବନକୁ ଅଣାଗଲା । ସବୁ ଶ୍ରେଣୀର ଜନତା ହଜାର ହଜାର ସଂଖ୍ୟାରେ ତାଙ୍କ ଘରକୁ ଯାଇ ଶେଷ ଦର୍ଶନ କଲେ । ତାଙ୍କର ଶବ ଶୋଭାଯାତ୍ରାରେ ମଧ୍ୟ ସବୁ ଶ୍ରେଣୀର ଲୋକ ଯୋଗଦେଇ ତାଙ୍କ ବିୟୋଗରେ ଆଖିରୁ ଲୁହ ଗଡାଇଥିଲେ ।

ସେ ଜୀବନର ଶେଷକାଳ ପର୍ଯ୍ୟନ୍ତ କୈଣସି ପଦପଦବୀରେ ନଥିଲେ । ମାତ୍ର ତାଙ୍କ ଶେଷ ଦର୍ଶନ ପାଇଁ ଏତେ ଲୋକ ଯାଇଥିଲେ ଯେ,ସେଥିରୁ ତାଙ୍କ ପ୍ରତି ଜନତାର ଶ୍ରଦ୍ଧା ଓ ସମ୍ମାନ ସହଜରେ ଅନୁମାନ କରାଯାଇପାରେ ।

ଦେଶ ପ୍ରାଣ ଚନ୍ଦ୍ରଶେଖର ବେହେରା ଗୁରୁଜୀଙ୍କୁ କହୁଥିଲେ "ଗୁଟାରଙ୍ଗେ ଗାନ୍ଧୀ" ଅନ୍ୟମାନେ କହୁଥିଲେ "ସମ୍ବଲପୁରର ଗାନ୍ଧୀ" ମାତ୍ର ପ୍ରକୃତ ପକ୍ଷେ ସେ ଥିଲେ ପଶ୍ଚିମ ଓଡିଶାର ଗାନ୍ଧୀ ।

ଅବସର ପ୍ରାପ୍ତ ଜିଲ୍ଲାଶିକ୍ଷା
ମଣ୍ଡଳାଧୀଶ,ମୁଦିପଡା,ସମ୍ବଲପୁର